## ହତ୍ୟା ଘଟଣାରେ ୫ ଜଣଙ୍କୁ ଜେଲ

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲା ଇଟାମାଟି ଥାନା ବାଉଁଶିଆପଡ଼ା ମାଳିସାହିର କ୍ଷେତ୍ରବାସୀ ମହାପାତ୍ର(୫୫)ହତ୍ୟା ଘଟଣାରେ ୫ଜଣଙ୍କୁ ଶୁକ୍ରବାର ଜେଲ ଯିବାକୁ ପଡିଛି। ସେମାନେ ହେଲେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଜଗବନ୍ଧୁଙ୍କ ଦାଦା ନିତ୍ୟାନନ୍ଦ ମହାପାତ୍ର, ପୁତୁରା ବିଶ୍ୱଜିତ ମହାପାତ୍ର, ଭିଣୋଇ ଶିବ ପ୍ରସାଦ ମହାପାତ୍ର, ମାମୁଁ ପୁଅ ଭାଇ ଅଜୟ ମହାପାତ୍ର ଓ ଭଉଣୀ ସୁକାନ୍ତୀ ମହାପାତ୍ର। ଜଗବନ୍ଧୁ ଓ ଅନ୍ୟଜଣେ କରୋନା ଆକ୍ରାନ୍ତ ହେବା ପରେ ସେମାନଙ୍କୁ ହୋମ କ୍ୱାରାଣ୍ଟାଇନରେ ରଖାଯାଇଛି। ଅଭିଯୋଗ ଅନୁସାରେ ଜମିବାଡିକୁ କେନ୍ଦ୍ରକରି ୮ ତାରିଖ ରାତିରେ କ୍ଷେତ୍ରବାସୀଙ୍କୁ ଗାଁ ଦାଣ୍ଡରେ ମିଳିତ ଭାବେ ହତ୍ୟା କରାଯାଇଥିଲା। ଏନେଇ ୧୪ଜଣଙ୍କ ନାଁରେ ୧୨୪/୨୦ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ୧ରୁ କାର୍ଯ୍ୟକ୍ଷମ ହେବ ପୋଷ୍ଟାଲ ଡିଭିଜନ

**ନୟାଗଡ ଅଫିସ,୧୧।୯:** ପୁରୀରୁ ଅଲଗା ହୋଇ ନୟାଗଡରେ ସ୍ୱତନ୍ତ୍ର ଭାବେ ପୋଷ୍ଟାଲ ଡିଭିଜନ ଖୋଲିବାକୁ ଯାଉଛି। ଏନେଇ କେନ୍ଦ୍ର ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳି ସାରିଛି। ଏହିକ୍ରମରେ ଶୁକ୍ରବାର ପୁରୀ ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ବିଜୟ ଶତପଥୀ, ଭୁବନେଶ୍ୱର ସର୍କଲ ଡାଇରେକ୍ଟର ଆଦିତ୍ୟ କୁମାର ନାୟକ, ବିଭାଗୀୟ ଇଞ୍ଜିନିୟର, ଟେକନିସିଆନ୍ ପ୍ରମୁଖ ନୟାଗଡସ୍ଥିତ ମୁଖ୍ୟ ଡାକଘରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ଅକ୍ଟୋବର ୧ରୁ ପୋଷ୍ଟାଲ ଡିଭିଜନ କାର୍ଯ୍ୟକ୍ଷମ ହେବ ବୋଲି ନୟାଗଡ ପୋଷ୍ଟାଲ ଡିଭିଜନ ସ୍ଥାପନ ଆକ୍ସନ କମିଟିର ଆବାହକ ପ୍ରମୋଦ ପଟ୍ଟନାୟକ କହିଛନ୍ତି।

### ନୟାଗଡ଼ରେ ପୁଣି ୭୭ ଚିହ୍ନଟ

**ନୟାଗଡ ଅଫିସ,୧୧।୯:** ନୟାଗଡ଼ ଜିଲାରେ ଶୁକ୍ରବାର ପୁଣି ୭୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୭୬୦ରେ ପହଞ୍ଚିଛି। ନୂଆଗାଁ ବ୍ଲକର ନୂଆଗାଁ ବଜାର ସମେତ ମୁଦୁରାଙ୍ଗ, ଖାଲମଡା ଓ ନୂଆଗାଁ ଗାଁ କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଛି। ଏଠାରେ ୧୧ ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରୁ ୧୪ ତାରିଖ ମଧ୍ୟାହ୍ନ ପର୍ଯ୍ୟନ୍ତ ଏହି କଟକଣା ଲାଗି ରହିବବୋଲି ସରପଞ୍ଚ ସୂଚନା ଦେଇଛନ୍ତି। ସେହିଭଳି ମାଳିସାହି ପଞ୍ଚାୟତ ଅନୁରୂପ ଭାବେ କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଛି। ଏଠାରେ ୧୧ ତାରିଖ ଅପରାହ୍ନ ୨ଟାରୁ ଟାରୁ ୧୪ ତାରିଖ ରାତି ପର୍ଯ୍ୟନ୍ତ ଲାଗି ରହିବ କଟକଣା। ନୂଆଗାଁ ତହସିଲ କାର୍ଯ୍ୟାଳୟ ୧୦ ତାରିଖ ଅପରାହ୍ନ ୨ଟାରୁ ୧୨ ତାରିଖ ପୂର୍ବାହ୍ନ ୧୦ ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ରହିଛି। ସେହିପରି ନୟାଗଡ ବ୍ଲକ ଇଟାମାଟି ବଜାର ୧୦ ତାରିଖ ଅପରାହ୍ନ ୨ଟାରୁ ୧୬ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ କଟକଣା ଲାଗି ରହିବ ବୋଲି ଜଣାପଡିଛି।

### ମୋବାଇଲ ଚୋରି ଅଭିଯୋଗରେ ୨ ଗିରଫ

**ଯାଜପୁର ରୋଡ୍, ୧୧।୯ (ଡି.ଏନ୍.ଏ.):** ଯାଜପୁର ରୋଡ୍ ଥାନା ପୋଲିସ ମାବାଇଲ ଚୋରି ଅଭିଯୋଗରେ ୨ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ଗତ ୮ତାରିଖ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ କୋପଣ୍ଡ ଗ୍ରାମର ରଜତ ରାଉତ ତାଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଯାଜପୁର ରୋଡ୍ ଥାନାରେ ୩୫୯/୨୦ନଂ. ଥାନାରେ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ କରି ପୋଲିସ ମୁଣ୍ଡୋମାଳ ଗ୍ରାମର ସୁରେଶ ପ୍ରଧାନ(୨୩) ଓ କୃଷ୍ଣ ପ୍ରଧାନ(୩୫)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ଟି ମୋବାଇଲ ଜବତ କରାଯାଇଛି।

# ଏକାଠିହେଲେ ବିଜେଡିର ତୁଙ୍ଗନେତା



ବିରିଡ଼ି ବ୍ଲକ ଅଧୀନ ଧାନକୁଦ ପୀଠରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବିଜେଡି କମକର୍ତ୍ତା।

**ତିର୍ତ୍ତୋଲ ଉପନିର୍ବାଚନ ପ୍ରସ୍ତୁତି**

ବିରିଡି,୧୧।୯,(ଡି.ଏନ.ଏ.)

ନଭେମ୍ବର ସୁଦ୍ଧା ତିର୍ତ୍ତୋଲ ସଂରକ୍ଷିତ ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ ବୋଲି କେନ୍ଦ୍ରୀୟ ନିର୍ବାଚନ କମିଶନର ସଂକେତ ଦେଇସାରିଲେଣି। ତେଣୁ ଏହି ନିର୍ବାଚନକୁ ସମ୍ମୁଖୀନ ହେବାପାଇଁ ଶୁକ୍ରବାର ବିରିଡି ବ୍ଲକ ଅନ୍ତର୍ଗତ ଧାନକୁଦ ପୀଠରେ ବିଜେଡିର ତୁଙ୍ଗନେତାମାନେ ଏକତ୍ରିତ ହୋଇଥିଲେ। ସମାନଙ୍କ ମଧ୍ୟରୁ ଏହି ବୈଠକରେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ସଞ୍ଜୟ ଦାସବର୍ମା ଓ ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥର ଉପନିର୍ବାଚନରେ ବିଜେଡି କିପରି ବିଜୟର ଧାରା ବଜାୟ ରଖିବ ସେଥିପାଇଁ ବ୍ଲକର ୨୧ ପଞ୍ଚାୟତର କର୍ମୀଙ୍କ ସହ ରାଜ୍ୟସ୍ତରୀୟ ନେତୃମଣ୍ଡଳୀ ଆଲୋଚନା କରିବା ସହ ଏଠାକାର ସମସ୍ତ କଥା ଅବଗତ ହୋଇଥିଲେ। ବିରିଡି ବ୍ଲକ ଅଞ୍ଚଳର ଭୋଟରମାନେ ୨ ହଜାର ମସିହାରୁ ଶାସକ ଦଳପ୍ରତି ଅକୁଣ୍ଠ ସମର୍ଥନ ଦେଇଆସିଛନ୍ତି। ଏଥର ସେହି ପରମ୍ପରା ପୁନରାବୃତ୍ତି ଘଟିବ ବୋଲି ମନ୍ତ୍ରୀ ଦାସ ଆଶାପ୍ରକାଶ କରିଥିଲେ। ବିରିଡି ବିଜେଡିରେ ଗୋଷ୍ଠୀ କନ୍ଦଳକୁ ସମସ୍ତେ ପଛରେ ପକାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣକରିବା ପାଇଁ କାର୍ଯ୍ୟ କରିବାକୁ ନେତୃମଣ୍ଡଳୀ ଆହ୍ୱାନ ଜଣାଇଥିଲେ। ବୈଠକରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ବିଭୁଦତ୍ତ ସାହୁ, ନୃସିଂହ ଦାଶ, ସାରଦା ସାହୁ, ବିଦ୍ୟାଧର ଦାଶ, ନେତ୍ରାନନ୍ଦ ପାତ୍ର, ପବିତ୍ର ପଶାୟତ, ପ୍ରଦୀପ୍ତ ଭୂୟାଁ, ଅଜୟ ଭୋଇ, ପ୍ରବୀର ଦାସ, ରବୀନ୍ଦ୍ର ସିଂ, ରବୀନ୍ଦ୍ର ସାହୁ, ମୀରଆଜମିର ଅଲ୍ଲୀ ଓ କେଦାର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ତିର୍ତ୍ତୋଲରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

ତିର୍ତ୍ତୋଲ,୧୧।୯(ଡି.ଏନ.ଏ.)

ଦୀର୍ଘଦିନର ନୀରବତା ପରେ ପୁଣି ତିର୍ତ୍ତୋଲ ବିଜେଡି ଗୋଷ୍ଠୀ କନ୍ଦଳ ପଦାରେ ପଡିଛି। ତିର୍ତ୍ତୋଲ ବ୍ଲକ ଅଧୀନ ତେନ୍ତୁଳିପଦା ମୁନିଗୋସାଇମଠ ପରିସରରେ ଶୁକ୍ରବାର ଅନୁଷ୍ଠିତ ଦଳୀୟ ସାଙ୍ଗଠନିକ ବୈଠକରେ ଏପରି ଘଟଣା ଦେଖିବାକୁ ମିଳିଛି। ବିଜେଡି ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟଙ୍କ ଉପସ୍ଥିତିରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ସଭାପତିତ୍ୱ କରିଥିଲେ। ସେ ଜିଲା ପର୍ଯ୍ୟବେକ୍ଷକ ସାମନ୍ତରାୟଙ୍କୁ ପ୍ରଥମେ ବକ୍ତବ୍ୟ ଦେବାକୁ ଡାକିଥିଲେ। ସାମନ୍ତରାୟ ଭାଷଣ ଆରମ୍ଭ କରିବା ପରେ କେତେଜଣ ଦଳୀୟ କର୍ମୀ ପୂର୍ବତନ ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ରଙ୍କୁ କାହିଁକି ଡାକିନାହଁ ବୋଲି ତାଙ୍କୁ ପଚାରିବା ସହ ହୋହଲ୍ଲା କରିଥିଲେ। ଏହାପରେ ବସନ୍ତ ମହାପାତ୍ର ଜିନ୍ଦାବାଦ, ସ୍ୱର୍ଗତ ବିଷ୍ଣୁ ଦାସ ଜିନ୍ଦାବାଦ, ବିଜୟ ଶଙ୍କର ଦାସ ଜିନ୍ଦାବାଦ ନାରା ଦେଇଥିଲେ। ଏହାକୁ କେତେଜଣ କର୍ମୀ ବିରୋଧ କରିବାରୁ ଦୁଇ ଗୋଷ୍ଠୀ ମୁହାମୁହିଁ ହୋଇଥିଲେ। ଫଳରେ ହୋହଲ୍ଲା କରୁଥିବା କର୍ମୀ ବୈଠକ ବର୍ଜନ କରି ପଳାଇଥିଲେ। ଏହାପରେ ପୁଣି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ତିର୍ତ୍ତୋଲ ଉପନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ଜିଲାପରିଷଦ ଅଧ୍ୟକ୍ଷ ପ୍ରିୟଦର୍ଶିନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ଲିପାଲି ରାଉଳ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ଦେଇ ଆଗାମୀ ନିର୍ବାଚନରେ ଦଳ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଉପସ୍ଥିତ କର୍ମୀଙ୍କୁ ନିବେଦନ କରିଥିଲେ। ତେବେ ଦେଖା ଦେଇଥିବା ଗୋଷ୍ଠୀ ବିବାଦ ସଙ୍ଗଠନକୁ ପ୍ରଭାବିତ କରିବ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ କହିଛନ୍ତି, ସେ ସଭାପତି ହେବାବେଳେ ବିଷ୍ଣୁ ଦାସଙ୍କ ସମେତ ଅନ୍ୟମାନଙ୍କ ସମର୍ଥନ ଥିଲା। ବୈଠକରେ ପୂର୍ବତନ ବ୍ଲକ ସଭାପତି ବସନ୍ତ ମହାପାତ୍ର ଓ ବିଜୟ ଶଙ୍କର ଦାଶଙ୍କ ସମର୍ଥକ ଅଯଥାରେ ସଭା ଭଣ୍ଡୁର ପାଇଁ ଉଦ୍ୟମ କରିଥିଲେ। ତେଣୁ ଦଳ ଯାହାକୁ ପ୍ରାର୍ଥୀ କରିବ ଆମେ ତାଙ୍କୁ ସମର୍ଥନ ଦେବୁ ବୋଲି ସେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପୂର୍ବତନ ବ୍ଲକ ସଭାପତି ମହାପାତ୍ର କହିଛନ୍ତି, ନିମନ୍ତ୍ରଣ ହୋଇ ନ ଥିବାରୁ ବୈଠକକୁ ଯାଇ ନ ଥିଲି। ଯଦି କେହି ମୋତେ ସମର୍ଥନ କରି କେହି ହୋହଲ୍ଲା କରିଥିବେ ସେଥିରେ ମୋର କିଛି ସମ୍ପୃକ୍ତି ନାହିଁ।

## ଋଣ ଚିନ୍ତାରେ ଜୀବନ ହାରିଲେ ଚାଷୀ

ବିଞ୍ଝାରପୁର, ୧୧।୯ (ଡି.ଏନ୍.ଏ.)

ଚଳିତବର୍ଷ ବନ୍ୟାରେ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ବ୍ୟାପକ ଫସଲହାନି ଘଟିଥିବା ବେଳେ ଋଣ ପରିଶୋଧ କରିବା ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏଭଳି ସ୍ଥିତିରେ ମାନସିକ ଭାରସାମ୍ୟ ହରାଇ ଚିନ୍ତାରେ ବରପଦା ପଞ୍ଚାୟତ ମଲିକସାହିର ଚାଷୀ ରମାକାନ୍ତ ମଲ୍ଲିକ (୫୨) ଶୁକ୍ରବାର ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ବନ୍ୟାରେ ଉଜୁଡ଼ିଯାଇଥିବା ଚାଷଜମି ନିକଟରେ ଥିବା ଏକ ବରଗଛରେ ରଶି ଲଗାଇ ରମାକାନ୍ତ ଆତ୍ମହତ୍ୟା କରିଛନ୍ତି। ରମାକାନ୍ତ ଚଳିତ ଖରିଫ ଋତୁରେ ନିଜର ୨ ଏକର ଜମି ସହିତ ୫ ଏକର ଭାଗ ଜମିରେ ଧାନ ଚାଷ କରିଥିଲେ। ଗତ ଲଗାଣ ବର୍ଷା ଓ ବନ୍ୟାରେ ସବୁ ଜମି ପାଣିରେ ବହୁଦିନ ଧରି ବୁଡ଼ି ରହିଥିବା ଯୋଗୁ ସେ ଚିନ୍ତାରେ ଥିଲେ। ବହୁ ଟଙ୍କା ଧାରଉଧାର ଓ ଋଣ କରି ଚାଷ କାର୍ଯ୍ୟରେ ଲଗାଇଥିବାରୁ ସେସବୁ ଶୁଝିବା ଚିନ୍ତାରେ ସେ ଏଭଳି ପଦକ୍ଷେପ ନେଇଥିବା ପରିବାର ଲୋକେ କହିଛନ୍ତି। ଖବରପାଇ ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ରମାକାନ୍ତଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ବୁଢ଼ାବୁଢ଼ୀ ରୂପରେ ଦର୍ଶନ ଦେଲେ ମା' ଖିଲାମୁଣ୍ଡା

ରଣପୁର,୧୧।୯(ସ୍ୱ.ପ୍ର.)

ରଣପୁର ସଂରକ୍ଷିତ ଜଙ୍ଗଲ ବନ୍ଧମୁଣ୍ଡା ପଞ୍ଚାୟତ ରାଅଁଳା ଗ୍ରାମର ଜଙ୍ଗଲ ମଧ୍ୟରେ ପୂଜା ପାଉଥିବା ମା' ଖିଲାମୁଣ୍ଡାଙ୍କ ୧୬ ଦିନର ଯାତ୍ରା ଆରମ୍ଭ ହୋଇଛି। ପ୍ରତିବର୍ଷ ମା' ୧୬ ଦିନ ପାଇଁ ଆସୁଥିବାବେଳେ ଚଳିତ ବର୍ଷ ମଳମାସ ପଡୁଥିବାରୁ ରାଜପ୍ରସାଦରେ ୪୬ ଦିନ ରହି ଦଶହରା ଦିନ ଫେରିଯିବେ। ଚଳିତ ବର୍ଷ ମା' ବୁଢାବୁଢୀ ରୂପରେ ଦର୍ଶନ ଦେଇଛନ୍ତି। ପ୍ରତିବର୍ଷ ମା'ଙ୍କ ଆଗମନରେ ହଜାରହଜାର ଲୋକ ରୁଣ୍ଡ ହେଉଥିଲେ। କିନ୍ତୁ ଚଳିତ ବର୍ଷ କରୋନା ପାଇଁ ଗହଳି ଜମି ନ ଥିଲା। ଖିଲାମୁଣ୍ଡା ଅପରାହ୍ନ ୩ଟା୩୦ରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ପୂଜାପାଠ ପରେ ମା' ଏକ ବିରାଟ ବାଉଁଶ ଦଣ୍ଡରେ ସବାର ହୋଇଥିଲେ।



ଖିଲାମୁଣ୍ଡା ବାଉଁଶ ଦଣ୍ଡରେ ସବାର ହୋଇଛନ୍ତି।

## ବୋଲେରୋ ଧକ୍କାରେ ବାଇକ ଆରୋହୀ ମୃତ

ଧର୍ମଶାଳା/ଜେନାପୁର, ୧୧।୯ (ଡି.ଏନ୍.ଏ.)

ଜେନାପୁର ଥାନା ଅଧୀନ ଧର୍ମଶାଳା–କବାଟବନ୍ଧ ରାସ୍ତାର ବଳରାମପୁରଠାରେ ଶୁକ୍ରବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ କୁସୁନପୁର ଗ୍ରାମର ନିର୍ମଳ ମହାନ୍ତି(୬୫)। ମୁକୁନ୍ଦପୁର ଗ୍ରାମର ସୁମନ୍ତ ସାହୁ (୪୦) ଆହତ ହୋଇଥିବା ଜଣାପଡ଼ିଛି। ନିର୍ମଳ ଓ ସୁମନ୍ତ ଏକ ସ୍କୁଟିରେ ଯାଉଥିବା ବେଳେ ବଳରାମପୁରଠାରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ (ନଂ–ଓଡି–୦୫–ଏଏନ–୮୫୮୮) ତାଙ୍କୁ ଆଗପଟୁ ଧକ୍କା ଦେଇଥିଲା। ଖବରପାଇ ଜେନାପୁର ପୋଲିସ ସେଠାରେ ପହଁଚି ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଡାକ୍ତରଖାନା ପଠାଇଥିଲା। ରାସ୍ତାରେ ନିର୍ମଳଙ୍କ ମୃତ୍ୟୁ ଘଟିଥିବା ବେଳେ ସୁମନ୍ତଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ମାମଲା (ନଂ–୨୯୩/୨୦) ରୁଜୁ କରିବା ସହ ବୋଲେରୋ ଡ୍ରାଇଭର ରାକେଶ ମହାନ୍ତି (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରାଯାଇଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ସାର କଳାବଜାର ବନ୍ଦ ଦାବିରେ ବିକ୍ଷୋଭ



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଉଛି।

ନାଉଗାଁ,୧୧।୯(ସ୍ୱ.ପ୍ର.)

ସାର କଳାବଜାର ବନ୍ଦ ଦାବିରେ ଶୁକ୍ରବାର ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ କୈଳାସ ଚନ୍ଦ୍ର ପରିଡା, ପ୍ରଫୁଲ୍ଲ ପରିଡାଙ୍କ ସମେତ ଅନେକ ଚାଷୀ ନାଉଗାଁ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଆନ୍ଦୋଳନର କିଛି ସମୟପରେ ଗଜରାଜପୁର ସହ କୃଷି ଅଧିକାରୀ ତୁଷାରକାନ୍ତ ସ୍ୱାଇଁ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ସେ ବିଳମ୍ବରେ ଆସିଥିବାରୁ ବିକ୍ଷୋଭକାରୀ ତାଙ୍କୁ କାର୍ଯ୍ୟାଳୟକୁ ଛାଡି ନ ଥିଲେ। ଏହାପରେ ନାଉଗାଁ ଥାନାଧିକାରୀ ଭରତ ବେହେରା ପହଞ୍ଚିଥିଲେ। କିଛି ସମୟ ପରେ ଉକ୍ତ କାର୍ଯ୍ୟାଳୟ ଦେଇ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଯାଉଥିବା ବେଳେ ଜନ ଗହଳି ଦେଖି ଅଟକିବା ସହ ଘଟଣା ସମ୍ପର୍କରେ ବୁଝିଥିଲେ। ତେଣୁ ସେ କଳା ବଜାରରେ ବିକ୍ରୟ କରୁଥିବା ବ୍ୟବସାୟୀଙ୍କ ଦୋକାନରେ ଚଢାଉ କରିବା ସମୟରେ ପୋଲିସକୁ ସାଙ୍ଗରେ ନେବାକୁ ସହକୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶଯୋଗ୍ୟ, ନାଉଗାଁ ବ୍ଲକରେ ୪୦ରୁ ଊର୍ଦ୍ଧ୍ୱ ସାର ଦୋକାନୀ କଳା ବଜାରରେ ସାର ବିକ୍ରି କରି ଚାଷୀଙ୍କୁ ଶୋଷଣ କରୁଛନ୍ତି। ଏହାକୁ ବିରୋଧ କରି ଚାଷୀ ଓ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୭ ତାରିଖରେ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ପରେ ବ୍ଲକ ଆତ୍ମା କମିଟି ଚେୟାରମ୍ୟାନ ବସନ୍ତ ପାଢୀ, ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ, ବ୍ଲକ ସହ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ ବିକ୍ଷୋଭକାରୀଙ୍କ ନିକଟରେ ପହଞ୍ଚି ୨ ଦିନ ମଧ୍ୟରେ ସାର କଳାବଜାର ରୋକିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ୯ ତାରିଖରେ କୃଷି କାର୍ଯ୍ୟାଳୟ ପକ୍ଷରୁ ଏକ ଟିମ ଗଠନ କରାଯାଇ କେତୋଟି ଦୋକାନରେ ଚଢାଉ କରାଯାଇଥିଲା। କିନ୍ତୁ ଉକ୍ତ ଚଢାଉ ଉପରେ କୌଣସି ଫରକ ପଡି ନ ଥିଲା। ଫଳରେ ଚାଷୀ ପୁନର୍ବାର ଚଢା ଦରରେ ସାର କ୍ରୟ କରୁଥିବା ଦେଖିବାକୁ ମିଳିଥିଲା।

## ବନ୍ୟାରେ ବଡ଼ଚଣାର ୯୭ ଗ୍ରାମ କ୍ଷତିଗ୍ରସ୍ତ

ଚଣ୍ଡିଖୋଲ, ୧୧।୯ (ଡି.ଏନ୍.ଏ.)

ଚଳିତ ବନ୍ୟାରେ ବଡ଼ଚଣା ବ୍ଲକର ୨୩ ପଞ୍ଚାୟତର ୯୭ ଗ୍ରାମ କ୍ଷତିଗ୍ରସ୍ତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କ୍ରମେ ଉକ୍ତ ଗ୍ରାମର ବିପନ୍ନ ପରିବାରକୁ ୫୦ କିଗ୍ରା ଚାଉଳ ଓ ୫୦୦ ଟଙ୍କା ରିଲିଫ୍ ପ୍ରଦାନ କରାଯିବ। ବ୍ଲକ ଅଧୀନ ଅଚ୍ୟୁତବସନ୍ତ, ଅଣକା, ଅରଖପୁର, ବଡ଼ବାଲିକୁଦା, ବଡ଼ଘୁମୁରୀ, ବାଲିପଡ଼ିଆ, ଗୋପାଳପୁର, ବନ୍ଦାଳ, ଭରତପୁର, ଚମ୍ପାପୁର, ଚାରିନଙ୍ଗଳ, ପତରାଜପୁର, କୋଲଣଗିରି, କୁନ୍ଦଳ, ମଝିପଡା, ନଳିପୁର, ରାଧାଦେଇପୁର, ରଇପୁର, ସାଉଡିଆ, ଶାନ୍ତିପୁର, ବାଲିଚନ୍ଦ୍ରପୁର, ମାଣ୍ଡୁକା ଓ ବରପଦା ଆଦି ପଞ୍ଚାୟତର ବହୁ ଗ୍ରାମରେ ବନ୍ୟାପାଣି ପଶି ବ୍ୟାପକ କ୍ଷତି ଘଟିଥିଲା। ବହୁ ପରିବାର ରାସ୍ତାକଡ଼ରେ ଆଶ୍ରୟ ନେଇଥିଲେ। ଉକ୍ତ ପଞ୍ଚାୟତଗୁଡ଼ିକରେ ଲୋକମାନଙ୍କୁ ୧୫,୮୯୭ କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯିବା ସହ ୧ କୋଟି ୫୮ ଲକ୍ଷ ୫୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ଭାରପ୍ରାପ୍ତ ବିଡିଓ ଅଭୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ୪ ଫୁଟ୍ ଉଚ୍ଚତାରୁ କମ୍ ରହିବ ଗଜଲକ୍ଷ୍ମୀ ମୂର୍ତ୍ତି

କେନ୍ଦ୍ରାପଡ଼ା ଅଫିସ୍, ୧୧।୯

ଆସନ୍ତା ଅକ୍ଟୋବର ୩୧ଠାରୁ କେନ୍ଦ୍ରାପଡା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ଗତ ୨ ତାରିଖରେ ମାଟି ଉଠାଣ ହୋଇଛି। ତେବେ କୋଭିଡ୍–୧୯ ନିୟମାବଳୀକୁ ଦୃଷ୍ଟିରେ ରଖି ସହରର ସେଣ୍ଟ୍ରାଲ କମିଟି ଜିଲାପ୍ରଶାସନକୁ ଏ ନେଇ ଅନୁମତି ମାଗିଥିଲେ। ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଗଣପର୍ବ ପାଳନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ପୀଠରେ ଗଜଲକ୍ଷ୍ମୀ, ଦୁର୍ଗା ଓ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ୪ ଫୁଟ ଉଚ୍ଚତାରୁ କମ ରହିବ। ଏ ନେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଏକ ନିର୍ଦ୍ଦେଶନାମା ଗୁରୁବାର ଜାରି ହୋଇଛି। ଏଥିରେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସମସ୍ତ ଧାର୍ମିକ, ସାଂସ୍କୃତିକ କାର୍ଯ୍ୟକ୍ରମ ପରି ସାମୁହିକ ମିଳନକୁ ବନ୍ଦ କରାଯାଇଛି। ଅକ୍ଟୋବର ଓ ନଭେମ୍ବରରେ ହେବାକୁ ଥିବା ପୂଜା ପାର୍ବଣ ପାଇଁ ଜିଲା ପ୍ରଶାସନର ଅନୁମତି ନେବାକୁ ହେବ। ପୂଜା ମଣ୍ଡପରେ ୭ ଜଣ କର୍ମକର୍ତ୍ତାଙ୍କ ମଧ୍ୟରେ ସୀମିତ ରହିବ। ସେହିପରି ମେଳଣ ଓ ଭସାଣି ଶୋଭାଯାତ୍ରା ହେବନାହିଁ। ଆଗାମୀ ଗଣପର୍ବପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହେବ ବୋଲି ଉପଜିଲାପାଳ ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟଯେ, ସହର ମଧ୍ୟରେ ୫୪ଟି ପୀଠରେ ଗଜଲକ୍ଷ୍ମୀ ପୂଜା କରାଯାଉଥିବା ବେଳେ ଜିଲାରେ ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ।

# ଓସିସିଏଲ୍‌କୁ ଘାଇ ମରାମତି ଦାୟିତ୍ୱ

ଯାଜପୁର ଅଫିସ୍, ୧୧।୯

ଚଳିତ ବର୍ଷ ବନ୍ୟାରେ ଯାଜପୁର ଜିଲାର ବ୍ରାହ୍ମଣୀ ଓ ବୈତରଣୀ ନଦୀ ସମେତ ଏହାର ଶାଖା ନଦୀଗୁଡ଼ିକରେ ସୃଷ୍ଟି ହୋଇଥିବା ଘାଇଗୁଡିକ ବନ୍ଦ କରିବା କାର୍ଯ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ବନ୍ୟାରେ ଆଉଲ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଖୋର୍ଦ୍ଧା ଓ ବାଲେଶ୍ୱର ଜଳ ସମ୍ପଦ ଡିଭିଜନ ଅଧୀନରେ ୧୧ଟି ସ୍ଥାନରେ ୩୧୫ ମିଟର ଘାଇ ସୃଷ୍ଟି ହୋଇଛି। କିନ୍ତୁ ଯାଜପୁର ଜିଲାର ୨୫ଟି ସ୍ଥାନରେ ୧୩୧୦ମିଟର ପର୍ଯ୍ୟନ୍ତ ଘାଇ ସୃଷ୍ଟି ହୋଇଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି କ୍ରମରେ ଜଳ ସମ୍ପଦ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀ ଅନୁ ଗର୍ଗ ଗୁରୁବାର ଓଡ଼ିଶା କନଷ୍ଟ୍ରକ୍ସନ କମ୍ପାନୀ ଲିଃ (ଓସିସିଏଲ୍) ଜରିଆରେ ଉକ୍ତ ୩୬ଟି ଘାଇ ବନ୍ଦ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଇଞ୍ଜିନିୟର–ଇନ୍–ଚିଫ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲାର ୨୫ଟି ଘାଇର ବନ୍ଦ ପାଇଁ ୧୨କୋଟି ୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଓସିସିଏଲ୍ କେତେଜଣ ପେଟି କଣ୍ଟ୍ରାକ୍ଟରଙ୍କ ଜରିଆରେ ଏହି କାର୍ଯ୍ୟ ସମ୍ପନ୍ନ କରିବାକୁ ଯୋଜନା ରଖିଥିବାବେଳେ ସ୍ଥାନୀୟ ବିଧାୟକମାନେ ଠିକାଦାର ତାଲିକା ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି। ଠିକାଦାରମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଯାଜପୁର ଜିଲାରେ ସର୍ବାଧିକ ସଂଖ୍ୟକ ଘାଇ ମନୁଷ୍ୟକୃତ ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଆସୁଛି। ଏଥିଯୋଗୁ ଜିଲାର ପ୍ରାୟ ୧୦ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୨ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୩୫ ହଜାର ପ୍ରାଣୀ ସମ୍ପଦ ମୃତାହତ ହୋଇଛନ୍ତି। ସାଧାରଣ ଲୋକଙ୍କ ଧନଜୀବନ ସଙ୍କଟରେ ପଡିଥିବାରୁ ବିରୋଧୀଙ୍କ ଅଭିଯୋଗ ଅନୁସାରେ ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି ବୋଲି ଜିଲାରେ ମତପ୍ରକାଶ ପାଇଛି।



ଘାଇ ମରାମତି କାର୍ଯ୍ୟ ଚାଲିଛି।

**ବ୍ରାହ୍ମଣୀ, ବୈତରଣୀ ନଦୀରେ ପ୍ରଳୟଙ୍କରୀ ବନ୍ୟା**

- ୨୫ ଘାଇର ଲମ୍ବ ୧୩୧୦ ମିଟର
- ଏଥର ନିମ୍ନମାନର କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ: ବନ୍ୟାବିପନ୍ନ

ଜିଲାରେ ନଦୀବନ୍ଧ ନିର୍ମାଣ ହେବା ପରଠାରୁ ଚଳିତବର୍ଷ ବନ୍ୟାରେ ସର୍ବାଧିକ ଘାଇ ସୃଷ୍ଟି ହୋଇଥିବା କୁହାଯାଉଛି। ଦୁର୍ବଳ ନଦୀବନ୍ଧ ନିର୍ମାଣ ସାଙ୍ଗକୁ ଉପଯୁକ୍ତ ସୁଦୃଢ଼ୀକରଣର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜୁଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ନଦୀବନ୍ଧ ମରାମତି ଓ ଏହାର ସୁଦୃଢ଼ୀକରଣ ପାଇଁ କୋଟିକୋଟି ଟଙ୍କା ବ୍ୟୟବରାଦ ହେଉଛି। ତେବେ ସେହି ଅର୍ଥର ସିଂହଭାଗ ଠିକାଦାର ଓ ଯନ୍ତ୍ରୀଙ୍କ ପକେଟକୁ ଯାଉଥିବାବେଳେ ନିମ୍ନମାନର କାର୍ଯ୍ୟ ପ୍ରଳୟଙ୍କରୀ ବନ୍ୟାକୁ ନିମନ୍ତ୍ରଣ କରୁଛି ବୋଲି କୁହାଯାଇଛି।

ଚଳିତବର୍ଷ ଜିଲାରେ ବୈତରଣୀ ନଦୀବନ୍ଧର ଦତ୍ତପୁରଠାରେ ୮୦ ମିଟର, କାଣୀ ନଦୀର ନୂଆଶାସନଠାରେ ୬୦ ମିଟର, ବ୍ରାହ୍ମଣୀ ନଦୀର ମାଟିଆପଡ଼ା ନିକଟରେ ୬୦ମିଟର, ଇସାନପୁର ନିକଟରେ ୪୦ମିଟର, ସାମନ୍ତରାପୁରଠାରେ ୨ଟି ଘାଇ ୩୦ ଓ ୩୫ ମିଟର, ଘୁଷୁରିଆସାହି ନିକଟରେ ୧୧୦ ମିଟର, ରୁଦ୍ରପୁରଠାରେ ୯୦ ମିଟର, ଲଙ୍କାବାଲିସାହିଠାରେ ୬୦ ଓ ୫୦ ମିଟରର ୨ଟି ଘାଇ ସୃଷ୍ଟି ହୋଇଛି। ସେହିପରି ଆରୁଆଳଠାରେ ୫୦ମିଟର, ବନ୍ଧଡିହ ଗ୍ରାମ ନିକଟରେ ୬୦ ମିଟର, ଗଣେଶପାଟଣାଠାରେ ୫୦ ମିଟର ଓ ପିଏନ ହାଇସ୍କୁଲଠାରେ ୩୦ ମିଟର, ଖରସ୍ରୋତା ବାମପାର୍ଶ୍ୱ ନଦୀବନ୍ଧରେ ୧୦୦ ମିଟର ଓ ମଲ୍ଲିପୁର ନିକଟରେ ୩୦ ମିଟର, ତନ୍ତିଘାଇ ନଦୀର ଭୁବନଠାରେ ୩୦ ମିଟର ଓ କାନପୁରଠାରେ ୩୫ ମିଟର, କେଲୁଅ ନଦୀର ନିରଘାଟଠାରେ ୪୦ ମିଟର ଓ ରାମପୁରଠାରେ ୪୦ ମିଟର, ବ୍ରାହ୍ମଣୀ ନଦୀର ଗୋପାଳପୁରଠାରେ ୪୦ ମିଟର, ଖରସ୍ରୋତା ନଦୀର ଡାହାଣପାର୍ଶ୍ୱ ଖଣ୍ଡିତରଠାରେ ୨୦ ମିଟର ଓ ଦୁଧେଇ ନଦୀର ସନ୍ଥନ ଓ ରମ୍ପାଠାରେ ୧୦୦ ମିଟର ଲମ୍ବର ଘାଇ ସୃଷ୍ଟି ହୋଇଛି। ତେବେ ଏଥର ନିମ୍ନମାନର ଘାଇ ମରାମତି କାର୍ଯ୍ୟକୁ ଆଦୌ ବରଦାସ୍ତ କରାଯିବନାହିଁ ବୋଲି ବନ୍ୟା ଯୋଗୁ ସଙ୍କଟରେ ପଡିଥିବା ଦୁର୍ଗତମାନେ କହିଛନ୍ତି। ଏହି କାର୍ଯ୍ୟରେ କୌଣସି ପ୍ରକାର ସାଲିସ କରାଗଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଜଳ ସମ୍ପଦ ବିଭାଗ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକଙ୍କୁ ଏ ସମ୍ପର୍କରେ ପଚାରିବାରେ ୧୯ଟି ଘାଇର ସ୍ୱଳ୍ପକାଳ ମରାମତି କାର୍ଯ୍ୟ ଚାଲିଛି। ଆଗାମୀ ଦିନରେ ସ୍ଥାୟୀ ଭାବେ ବନ୍ଦ କରାଯିବ। ଏଥିପାଇଁ ଓସିସିଏଲକୁ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

